# ସମାଜ ଗଠନର ମାର୍ଗ

ସମାଜ ଗଠନ କରିବା ପାଇଁ ପରିବାର ଗଠନ କରିବା ଅନିବାର୍ଯ୍ୟ। କାରଣ ଦମ୍ପତି ହିଁ ଦାମ୍ପତ୍ୟ ଜୀବନର ଭିତ୍ତିଭୂମି। କିନ୍ତୁ ଦାମ୍ପତ୍ୟ ଜୀବନ ଆରମ୍ଭ ହୁଏ ଗୃହାଶ୍ରମ ଆରମ୍ଭ ପରେ। ଋଗ୍‌ବେଦର ମଣ୍ଡଳ ୧୦, ସୂକ୍ତ ୧୩ ଏବଂ ମନ୍ତ୍ର ୧ରେ ଉଲ୍ଲେଖ ରହିଛି ଯେ 'ବ୍ରହ୍ମଚର୍ଯ୍ୟାଶ୍ରମରୁ ଯୁବକ ଯୁବତୀ ଗୃହସ୍ଥାଶ୍ରମରେ ପ୍ରତିଷ୍ଠିତ ହୁଅନ୍ତି। ବେଦ ସେମାନଙ୍କୁ କହିଛନ୍ତି ଯେ ହେ ନବଦମ୍ପତି! ପୂର୍ବବର୍ତ୍ତୀ ବ୍ରହ୍ମଚର୍ଯ୍ୟାଶ୍ରମରୁ ଯେଉଁ ବିଦ୍ୟା, ତପ ଓ ବ୍ରହ୍ମଚର୍ଯ୍ୟ ଧାରଣ କରି ଆସିଛ, ଏଇ ଆଶ୍ରମରେ ସେ ସବୁର ଉପଯୋଗ କର। ଗୃହାଶ୍ରମରେ ବାସ କରିବା ପରେ ବିନୟ, ସହିଷ୍ଣୁତା ଏବଂ ସଦ୍‌ଗୁଣ ଦ୍ୱାରା ବ୍ରହ୍ମଚର୍ଯ୍ୟ ସମ୍ପାଦନ କର। ତୁମ ଗୃହରେ ଶାନ୍ତି ଓ ଆନନ୍ଦ ବିରାଜିତ ହେଉ। ଧନ ଜନ ଓ ମନର ସଦ୍‌ବ୍ୟବହାର ଦ୍ୱାରା କୀର୍ତ୍ତିଲାଭ କର। କୋଟିପତିର ଧନ ନିଜ ଘରେ ସାଇତି ରଖିଲେ ସେହି ଧନ ପାଇଁ କେହି କେବେ ତାକୁ ପ୍ରଶଂସା କରନ୍ତି ନାହିଁ। ସେଥିରୁ ସୁଗନ୍ଧ ବିତରିତ ହୁଏ। ସେହିପରି ଧନକୁ ପରୋପକାର କର୍ମରେ ବିନିଯୋଗ କଲେ ଧନପତିର ଗୌରବ ବୃଦ୍ଧି ପାଏ।

ନିଜ ଘରେ ଆଦର୍ଶ ସ୍ଥାପନ କରି ନ ପାରିଲେ ଅନ୍ୟମାନଙ୍କୁ ପ୍ରଭାବିତ କରି



ଡ. ସାତକଡ଼ି ହୋତା

ପାରିବ ନାହିଁ। ବେଦ କହିଛନ୍ତି ଯେ 'ହେ ଅମୃତର ପୁତ୍ରଗଣ! ଆଦର୍ଶ ଦମ୍ପତିଙ୍କ କର୍ମକୁ ଦେଖ। ସେମାନଙ୍କ କୀର୍ତ୍ତିକୁ ଶୁଣ। ସେଥିରେ ଉଦ୍‌ବୁଦ୍ଧ ହୁଅ'- 'ଶୃଣ୍ୱନ୍ତୁ ବିଶ୍ୱେ ଅମୃତସ୍ୟ ପୁତ୍ରା/ ଆ ଯେ ଧାମାନି ଦିବ୍ୟାନିତସ୍ଥୁଃ।'

ଖ୍ରୀଷ୍ଟପୂର୍ବରୁ ତିନି ଚାରି ହଜାର ବର୍ଷ ପୂର୍ବରୁ ଋଗ୍‌ବେଦର ଉଦ୍ଭବ ହୋଇଥିବା ଶାସ୍ତ୍ରଜ୍ଞମାନେ କହନ୍ତି। ଏଇ ଜୀବନ ପଥ ଅତିକ୍ରମ କରିବା ପରେ ଅମୃତର ପୁତ୍ରମାନେ କିପରି ସମୟ ଓ ସମାଜକୁ ସଂହତି, ଶାନ୍ତି ଓ ପରସ୍ପର ମଧ୍ୟରେ ସହଯୋଗ ଓ ସମବାୟିକ ଉଦ୍ୟମ ଦ୍ୱାରା ଶାନ୍ତିରେ ସମାଜ ଗଠନ କରୁଥିବେ, ତାହା ବେଦ ପାଠ କରିଥିବା ମଣିଷମାନଙ୍କ ପାଇଁ ଅନୁସରଣ କରୁଥିବା ବିଷୟ। କିନ୍ତୁ ଏଇ ଦୀର୍ଘ କାଳ ସମାଜ ଗଠନ ଓ ସାମ୍ପ୍ରଦାୟିକ ଦାୟିତ୍ୱ ପାଳନ କରିବା ପରେ ସମାଜ ଓ ସଂସାର, ପରିବାର ଓ ପାରିବାରିକ ସମ୍ବନ୍ଧ କିପରି ମଣିଷମାନଙ୍କର ଆଦର୍ଶ ଜୀବନଯାପନ ଆମ ପାଇଁ ଉଦାହରଣ ହେବ, ତାହା ଭାବିବାର ବିଷୟ। ସେତେବେଳେ ସ୍ୱାମୀ ଓ ସ୍ତ୍ରୀ ଅମୃତର ସନ୍ତାନ ଥିଲେ। କିନ୍ତୁ ୨୦୦୦ ବର୍ଷ ପରେ ଦେଶର ରାଜଧାନୀ ଦିଲ୍ଲୀରେ ବା ଓଡ଼ିଶାର ରାଜଧାନୀ ଭୁବନେଶ୍ୱରରେ ସ୍ୱାମୀ ଓ ସ୍ତ୍ରୀଙ୍କ ସରଳ, ସ୍ୱଚ୍ଛ, ନିବେଦିତ ଜୀବନଯାପନ କରୁଥିବେ, ତାହା ସେମାନେ ଦେଖୁଥିବେ।

ବେଦର ଏଇ ଆଦର୍ଶ ଆଚରଣ, ଆଚାର ବିଚାରକୁ ଚରିତ୍ରର ସମ୍ଭାର କରିବା ପରିବର୍ତ୍ତେ ଆମ ସାଂସ୍କୃତିକ ଜୀବନରେ ଏହାର ନିଦର୍ଶନ କିପରି ଆମକୁ ଉଦ୍‌ବୁଦ୍ଧ କରିଛି, ଏ ବିଷୟ ଆମେ ଯଦି ବିଚାର କରୁ, ତେବେ ସହଜରେ ଜାଣିହେବ ଯେ ଆମେ ଆଦର୍ଶଠାରୁ ଅନେକ ଦୂର ଚାଲି ଆସିଲୁଣି। ପ୍ରାକୃତିକ ଓ ଅର୍ଥନୀତିକ ଘଟଣାବଳୀ ଏବଂ ସାଂସ୍କୃତିକ ଜୀବନଧାରା ବାଦ ବିବାଦରେ ନ ମାତି ସମସ୍ତଙ୍କର କଲ୍ୟାଣ ପାଇଁ ସ'ଳତା ଅର୍ଜନ କର। ନିଷ୍ପତ୍ତିତ ହେଉଛି ଯେ ଭାରତ ପୃଥିବୀର ଏକ ଅନନ୍ୟ ଦେଶ ଓ ଏହାର ସମାଜ ଓ ସଂସ୍କାର ଯେ ଅନ୍ୟ ଦେଶମାନଙ୍କଠାରୁ ଅନେକ ଅଲଗା, ତାହା ସହଜରେ ଅନୁଭବ କରିହେବ। କାରଣ ପ୍ରାକୃତିକ ଓ ଅର୍ଥନୀତିକ ଏବଂ ସାମାଜିକ ଘଟଣାବଳୀ ଆଉ ସାମାଜିକ ଜୀବନର ଏକ ଅଂଶ ହୋଇ ରହିନାହିଁ, ପୂର୍ବାପେକ୍ଷା ଏହାର ଚିତ୍ର ଓ ମଣିଷମାନଙ୍କ ଚରିତ୍ର ଅନେକ ବଦଳି ଗଲାଣି। ଦୀର୍ଘ ଅତୀତର ସମାଜରେ ସ୍ୱାମୀ ଓ ପୁରୁଷ ମଧ୍ୟରେ କିପରି ବନ୍ଧୁତ୍ୱ ଥିଲା ଏବେ ଏହାର ପ୍ରଚୁର ଉଦାହରଣ ମିଳୁଛି। ଭାରତର ଇତିହାସ ଆରମ୍ଭ ହୁଏ ଚାରିହଜାର ବର୍ଷ ପୂର୍ବରୁ। କିନ୍ତୁ ଆଧୁନିକ ବିଶ୍ୱର ସବୁଠାରୁ ସମ୍ଭ୍ରାନ୍ତ, ଶିକ୍ଷିତ, ସମୃଦ୍ଧ ଓ ପ୍ରଯୁକ୍ତିବିଦ୍‌ଭାବେ ଯଦି ଆମେ ଆମ ଦେଶ ବିଶ୍ୱର ପ୍ରାଚୀନ ମହାଦେଶ ଭାବେ ଆମେ କ'ଣ ଭାବିବୁ ନାହିଁ ଯେ କଲମ୍ବସ୍ ଆମେରିକା ଆବିଷ୍କାର କରିବାର ପନ୍ଦର ଶହ ବର୍ଷ ପରେ ସେ ଆମେରିକା ଆବିଷ୍କାର କଲେ ଏବଂ ଭାରତ ତା'ର ବହୁ ପୂର୍ବରୁ ମଞ୍ଚ ଉପରକୁ ଆସି ଯାଇଥିଲା। ଐତିହାସିକମାନେ କହନ୍ତି ଯେ ପନ୍ଦର ଶହ ଶତାବ୍ଦୀରୁ ଆଫ୍ରିକାରୁ କ୍ରୀତଦାସମାନଙ୍କୁ ଆଣୁଥିଲେ ଆମେରିକାର ଗୋରାମାନେ। ଦୀର୍ଘ ତିନିଶହ ବର୍ଷରୁ ଅଧିକ କ୍ରୀତଦାସମାନଙ୍କୁ ଆମେରିକାର ଗୋରାମାନେ ସେମାନଙ୍କୁ ସାମାଜିକ ଓ ରାଜନୀତିକ ଅଧିକାର ଦେଇ ନଥିଲେ। ୧୯୬୧ରେ କ୍ରୀତଦାସମାନଙ୍କୁ ସମ୍ବିଧାନ ଅନୁସାରେ ନିର୍ବାଚନରେ ଭୋଟ ଦେବାର ଅଧିକାର ମିଳିଥିଲା। କେବଳ ଯେ ବିଭିନ୍ନ ଗରିବ ଓ ଅବିକଶିତ ଦେଶମାନଙ୍କରୁ ବିଦେଶୀମାନଙ୍କୁ ନେଇଥିବା ସ୍ଥାନୀୟ ଅଧିବାସୀଙ୍କୁ କ୍ରୀତଦାସ ପରି ଉପଯୋଗ କରୁଥିଲେ। କିନ୍ତୁ ଋଗ୍‌ବେଦ ଓ ଅନ୍ୟାନ୍ୟ ଶାସ୍ତ୍ର ଓ ପୁରାଣରୁ ଜଣାପଡ଼େ ଯେ ସେମାନେ ଦ୍ରାବିଡ଼ ବା ଆଦିମ ଅଧିବାସୀମାନଙ୍କୁ କ୍ରୀତଦାସ ପରି ବ୍ୟବହାର କରୁ ନଥିଲେ।

ଭାରତରେ ଆର୍ଯ୍ୟମାନେ କେବଳ ଇରାନ୍ ଓ କାସ୍ପିଆନ୍ ହ୍ରଦ କୂଳରୁ ଭାରତକୁ ଆସିଥିଲେ ବୋଲି ଇତିହାସ କହେ। କିନ୍ତୁ କେରଳର ଜଣେ ପ୍ରତିଭାବାନ୍ ଲେଖକ ଟୋନିଙ୍କ ପୁସ୍ତକ 'ଇଣ୍ଡିଆନ୍ ମାଇଗ୍ରାଣ୍ଟସ୍'ରେ ପ୍ରମାଣ ସହିତ ଉଲ୍ଲେଖ କରିଛନ୍ତି ଯେ ଭାରତକୁ ଆହୁରି ଦୁଇଟି ସ୍ଥାନରୁ ଲୋକ ଆସିଥିଲେ ବସବାସ କରିବା ପାଇଁ। ଦକ୍ଷିଣ ଆଫ୍ରିକା ଓ ଦକ୍ଷିଣ ପୂର୍ବ ଚୀନ୍‌ରୁ। ଏହାର ଭୂରି ଭୂରି ପ୍ରଶଂସକମାନେ ଏଇ ପୁସ୍ତକରେ ପ୍ରଶଂସା କରିବା ସହିତ ଏହାର ବିଶ୍ଳେଷଣାତ୍ମକ ପାଣ୍ଡିତ୍ୟ ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ବୈଦିକ ଯୁଗରେ ଜନ୍ମିଥିବା ମଣିଷମାନେ ଜୀବନ ଓ ସଂସାରକୁ ଈଶ୍ୱରଙ୍କ ଅବଦାନ ବୋଲି ଭାବୁଥିଲେ। ସୃଷ୍ଟିରେ ପାଞ୍ଚଟି ଉପାଦାନ ରହିଛି- ତାହା ହେଉଛି କ୍ଷିତି, ଅପ୍, ତେଜ, ମରୁତ, ବ୍ୟୋମ। ପାଞ୍ଚଟି ଉପାଦାନ ବିଶ୍ୱ ବ୍ରହ୍ମାଣ୍ଡର ସମ୍ପଦ। ଏଇ ଦୀର୍ଘକାଳ ମଧ୍ୟରେ ବି ବିଶ୍ୱ ବ୍ରହ୍ମାଣ୍ଡର ପରିପୂର୍ଣ୍ଣ ପରିଚୟ ଆମେ ଜାଣି ପାରିନାହୁଁ। ପ୍ରଯୁକ୍ତି ଓ ବୌଦ୍ଧିକ କସରତ ଚାଲିଛି ସାରା ଜଗତକୁ ଜାଣିବା ପାଇଁ। ଭାରତୀୟମାନେ ଭାବନ୍ତି ଯେ ଈଶ୍ୱରଙ୍କ ସୃଷ୍ଟିରେ ମଣିଷର ଆବିର୍ଭାବ କେବଳ ଏକ ବିସ୍ମୟ ନୁହେଁ, ଏହା ହିଁ ତା'ର ଆତ୍ମପରିଚୟ। ଏଠାରେ ପ୍ରସିଦ୍ଧ ଭାବୁକ ଓ ଦାର୍ଶନିକ ଲିଓ ଟଲଷ୍ଟୟ କହିଛନ୍ତି ଯେ- ଯେଉଁ ମଣିଷମାନେ ସଂସାରକୁ ଆସିଛନ୍ତି, ଈଶ୍ୱରଙ୍କ କୃପାରୁ ହିଁ ତାହା ହୋଇଛି ଏବଂ ଈଶ୍ୱର ଆତ୍ମମାନଙ୍କୁ ଏପରି ଢଙ୍ଗରେ ସୃଷ୍ଟି କରିଛନ୍ତି ଯେ ପ୍ରତି ମଣିଷ ନିଜର ଆତ୍ମାକୁ ରକ୍ଷା କରିପାରେ ବା ଧ୍ୱଂସ କରିପାରେ। ଆତ୍ମାକୁ ରକ୍ଷା କରିବା ମଣିଷର କର୍ତ୍ତବ୍ୟ କାରଣ ଆତ୍ମା ହିଁ ପରମାତ୍ମାଙ୍କ ଅଂଶ ଓ ଚିରନ୍ତନ। ନିଜର ଆତ୍ମରକ୍ଷା ପାଇଁ ଈଶ୍ୱର ଯେପରି ଇଚ୍ଛା କରନ୍ତି, ସେହିପରି ତାଙ୍କ ଇଚ୍ଛାନୁସାରେ ରକ୍ଷା କରି ପାରନ୍ତି। ଈଶ୍ୱରଙ୍କ ଇଚ୍ଛାନୁସାରେ କାର୍ଯ୍ୟ କରି ଆମେ ଜୀବନର ଇନ୍ଦ୍ରିୟ ଆସକ୍ତିର ତାଡ଼ନା ଯଦି ବଞ୍ଚିବାକୁ ଆନନ୍ଦ ପାଇଁ, ତେବେ ଇନ୍ଦ୍ରିୟମାନେ ଯେପରି କ୍ଷୟ ହୁଅନ୍ତି, ମଣିଷ ସେହିପରି କ୍ଷୟ ଯିବ। ଆତ୍ମା ଅକ୍ଷୟ ଓ ଅବିନାଶୀ।

ମଣିଷ କେବଳ ସୁଖ ଭୋଗ କରିବା ପାଇଁ ବଞ୍ଚେ ନାହିଁ। ସେ ବଞ୍ଚେ ଆତ୍ମାର ଇଚ୍ଛାନୁସାରେ। ସେଥିପାଇଁ କୁହାଯାଇଛି ଯେ 'ଅମୃତେ ତ ବିଦ୍ୟା' ଅର୍ଥାତ୍ ଜ୍ଞାନ ହିଁ ଅମୃତ। ସେଥିପାଇଁ ମଣିଷମାନଙ୍କୁ ଉଦ୍‌ବୁଦ୍ଧ କରିବା ପାଇଁ କୁହାଯାଇଛି- 'ସଂଗଚ୍ଛଧ୍ୱଂ ସଂବଦଧ୍ୱଂ ସଂବୋ ମନାଂସି ଜାନତାମ୍/ ଦେବା ଭାଗଂ ଯଥା ପୂର୍ବେ ସଂ ଜାନାନା ଉପାସତେ।' ଅର୍ଥାତ୍ ହେ ମନୁଷ୍ୟଗଣ! ତୁମେ ସମସ୍ତେ ମିଳିମିଶି ଗତି କର, ମିଳିମିଶି ବାର୍ତ୍ତାଳାପ କର। ପରସ୍ପର ସହଯୋଗପୂର୍ବକ ଜ୍ଞାନଲାଭ କର। ପୂର୍ବ କଳ୍ପର ମନୁଷ୍ୟ ଏଇ ଭାବେ ଜ୍ଞାନଲାଭ କରିଥିଲେ।

ହିନ୍ଦୁ ଧର୍ମ, ବୌଦ୍ଧ ଧର୍ମ ଓ ଜୈନ ଧର୍ମ ମଧ୍ୟରେ ଅନେକ ସାମଞ୍ଜସ୍ୟ ଥିଲେ ମଧ୍ୟ ପାର୍ଥକ୍ୟ ମଧ୍ୟ ଅଛି। ଶ୍ରୀମନ୍ଦିରକୁ ଗଲେ ସିଂହଦ୍ୱାର ଆଗରେ ଛିଡ଼ା ହେଲେ ଦଶାବତାରଙ୍କ ମଧ୍ୟରେ ବୁଦ୍ଧଙ୍କୁ ପ୍ରଣାମ କରାଯାଏ ଅନ୍ୟମାନଙ୍କ ସହିତ। ସେ ମଧ୍ୟ ଅବିନଶ୍ୱର ପୁରୁଷ। କେବଳ ଯେ ହିନ୍ଦୁମାନେ ଜଗନ୍ନାଥଙ୍କୁ ଦର୍ଶନ କରିବାକୁ ଆସନ୍ତି, ତାହା ନୁହେଁ, ବୌଦ୍ଧ ଓ ଜୈନମାନେ ମଧ୍ୟ ମନ୍ଦିର ଯାଇ ଦେବ ଦର୍ଶନ କରନ୍ତି। ଏପରି ସଂହତି, ସମାନତା ଓ ସମନ୍ୱୟ ଅନ୍ୟ କୌଣସି ଧର୍ମରେ ନାହିଁ। ଶ୍ରୀ ରାମକୃଷ୍ଣ ପରମହଂସଙ୍କ ପ୍ରତ୍ୟକ୍ଷ ବିଶ୍ୱାସ ଥିଲା ଯେ ଈଶ୍ୱର ଏକ, କିନ୍ତୁ ଧର୍ମ ଅନେକ। ତାଙ୍କ ପ୍ରଶିଷ୍ୟ ସ୍ୱାମୀ ବିବେକାନନ୍ଦ ମଧ୍ୟ କହିଛନ୍ତି ଯେ ସେ ଗୁରୁଙ୍କ ପରି ହିନ୍ଦୁ ମନ୍ଦିର, ବୌଦ୍ଧ ମନ୍ଦିର, ଇସ୍‌ଲାମ୍‌ଙ୍କ ମସ୍‌ଜିଦ୍ ଓ ଖ୍ରୀଷ୍ଟିଆନମାନଙ୍କ ଗୀର୍ଜାକୁ ଯାଇ ଯେପରି ପ୍ରାର୍ଥନା କରନ୍ତି, ଠିକ୍ ସେହିପରି କଲେ। କିନ୍ତୁ ପରମଗୁରୁଙ୍କ ଅନୁଭବ ଯାହା, ବିବେକାନନ୍ଦଙ୍କ ଅନୁଭବ ମଧ୍ୟ ସମାନ ଥିଲା। ଭାରତୀୟମାନଙ୍କ ମଧ୍ୟରେ ଏଇ ତିନିଟି ଧର୍ମ ମଧ୍ୟରେ ପାର୍ଥକ୍ୟ ଥିଲେ ମଧ୍ୟ ସମସ୍ତଙ୍କ ମଧ୍ୟରେ ଅନେକ ସାମଞ୍ଜସ୍ୟ ମଧ୍ୟ ଅଛି। ତେଣୁ ଭାରତୀୟ ସମାଜ ଓ ସଂସ୍କୃତିରେ ଭିନ୍ନତା ଥାଇ ମଧ୍ୟ ଅନେକ ସମାନତା ଅଛି। ସୁତରାଂ, ଏହି କାରଣରୁ ହିନ୍ଦୁ ବୌଦ୍ଧ ଓ ଜୈନଙ୍କ ମଧ୍ୟରେ ସଂଘର୍ଷ ବା ଅସମାନତା ନାହିଁ କହିଲେ ଚଳେ। ତେଣୁ ବିବିଧତା ସତ୍ତ୍ୱେ ପରମେଶ୍ୱରଙ୍କୁ ନେଇ ବୌଦ୍ଧ ମୌଳିକ ପାର୍ଥକ୍ୟର ନାହିଁ ବା ସଂଘର୍ଷ ମଧ୍ୟ ନାହିଁ, କିନ୍ତୁ ସଭ୍ୟତା ସଦାବେଳେ ଅଗ୍ରଗତି କରୁଥିଲା ବେଳେ ସଂସ୍କୃତି ସମାନ ଗତି ରକ୍ଷା କରିପାରୁ ନାହିଁ। ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋର ଲେଖିଛନ୍ତି- 'କତ ଜାତି କତ ଭାଷ କତ ପରିଧାନ/ ବିବିଧେର ମାଝେ ଦେଖ ମିଲନ ମହାନ।'

ବିବିଧତା ମଧ୍ୟରେ ମିଳନ କେବଳ ଭାରତୀୟ ସଂସ୍କୃତି ଓ ସଭ୍ୟତାରେ ରହିଛି। ଭାରତୀୟ ଧର୍ମ ବୌଦ୍ଧ ଓ ଜୈନ ଧର୍ମକୁ ପୂରାପୂରି ବହିଷ୍କାର କରିନାହିଁ। ଏବେ ମଧ୍ୟ ଅମୃତକୁ ବିଦ୍ୟା ଓ ଜ୍ଞାନକୁ ଅମୃତ ବୋଲି ଆମେ ଗ୍ରହଣ କରିଛୁ। ସୁତରାଂ, ହିନ୍ଦୁ ସଭ୍ୟତା ଓ ସଂସ୍କୃତି ମଧ୍ୟରେ ବିରୋଧାତ୍ମକ ନାହିଁ, ଏକତ୍ରିତ ଓ ସମନ୍ୱୟର ଆଗ୍ରହ ଅଛି। ଏଇ ମାନସିକତା ଭାରତୀୟ ସଭ୍ୟତା ଓ ସଂସ୍କୃତିର ମିଳନକୁ ଶତ୍ରୁତା ନୁହେଁ, ମିଶ୍ରଣ ଦେଇଛି। ସମସ୍ତଙ୍କୁ ସାଙ୍ଗ ହୋଇ ମିଳିମିଶି କାମ କରିବା ପାଇଁ, ପାର୍ଥକ୍ୟକୁ ଆଧାର କରି ସଂଘର୍ଷ ନ କରି ଋଗ୍‌ବେଦର ମଣିଷର ହିତସାଧନ କର। କାରଣ ମଣିଷ ଭିତରେ ଆତ୍ମା ବିରାଜମାନ। ■

୯, ଷ୍ଟେସନ୍ ସ୍କୋୟାର, ଭୁବନେଶ୍ୱର-୭୫୧୦୦୧